ଅଧ୍ୟକ୍ଷ, ପୁରୀ ଗ୍ରାମ୍ୟା ବ୍ୟାଙ୍କ ଏବଂ ଅନ୍ୟଜଣେ

ବନାମ

ଆନନ୍ଦ ଚନ୍ଦ୍ର ଦାସ ଏବଂ ଅନ୍ୟମାନେ

ସେପ୍ଟେମ୍ବର 12, 1994

[କେ. ରାମାସ୍ୱାମୀ ଏବଂ ଏନ୍. ଭେଙ୍କଟଚଲା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ - ପ୍ରତ୍ୟକ୍ଷ ନିଯୁକ୍ତି - ପ୍ରାପ୍ତ ମାନ୍ୟତା ଆଧାରରେ ନାମ ତାଲିକାର ପ୍ରସ୍ତୁତି - ବରିଷ୍ଠତାର ଗଣନା - ନାମ ତାଲିକା ଅନୁଯାୟୀ ହେବା ଉଚିତ ଏବଂ କର୍ତ୍ତବ୍ୟରେ ଯୋଗ ଦେବା ତାରିଖ ଆଧାରରେ ନୁହେଁ।*

**ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା କରାଯାଇଥିବା ଚୟନରେ, ଚୟନ ମଣ୍ଡଳୀ ଚୟନ ସମୟରେ ପ୍ରାପ୍ତ ମାନ୍ୟତା ଆଧାରରେ ଯୋଗ୍ୟତା ତାଲିକା ପ୍ରସ୍ତୁତ କରିଥିଲା । କର୍ମଚାରୀଙ୍କ ବରିଷ୍ଠତା ତାଙ୍କ କର୍ତ୍ତବ୍ୟରେ ଯୋଗଦେବା ତାରିଖ ଆଧାରରେ କିମ୍ବା ମଣ୍ଡଳୀ ଦ୍ୱାରା ଦିଆଯାଇଥିବା ପାହ୍ୟା ଅନୁଯାୟୀ ଗଣନା କରାଯିବା ଉଚିତ କି ଏହି ପ୍ରଶ୍ନ ଉପରେ:**

**ଆବେଦନଟିର ଫଇସଲା କରି, ଏହି ନ୍ୟାୟାଳୟ ବିଚାର କରିଥିଲେ :**

**ଏହା ସ୍ଥିରୀକୃତ ଆଇନ ଯେ ଯଦି ଏକରୁ ଅଧିକ ପ୍ରାର୍ଥୀ ଚୟନ କରାଯାଏ, ତେବେ ବରିଷ୍ଠତା ସିଧାସଳଖ ନିଯୁକ୍ତିର ପାହ୍ୟା ଅନୁଯାୟୀ ସଂରକ୍ଷଣ ନିୟମ ଏବଂ ପାଳି ତାଲିକା ପ୍ରୟୋଗରେ ମନୋନୀତ ପ୍ରାର୍ଥୀଙ୍କ ସମାଯୋଜନ ଉପରେ ନିର୍ଭର କରେ । କର୍ତ୍ତବ୍ୟରେ ଯୋଗଦେବାର କେବଳ ଆକସ୍ମିକ ସୁଯୋଗ ଚୟନ ମଣ୍ଡଳୀ ଏବଂ ପାଳି ତାଲିକା ଅନୁଯାୟୀ ବ୍ୟବସ୍ଥା କରାଯାଇଥିବା ମାନ୍ୟତାରେ ପରିବର୍ତ୍ତନ କରିବ ନାହିଁ । ପ୍ରାର୍ଥୀମାନଙ୍କ ଦ୍ୱାରା ଦିଆଯାଇଥିବା ଯୋଗଦାନ ରିପୋର୍ଟ ଏବଂ ଏହାର ଆଧାରରେ ସେବାର ଅବଧି ଅନୁସାରେ ବରିଷ୍ଠତା ନିର୍ଣ୍ଣୟ କରାଯିବ ବୋଲି ଏହାଙ୍କ ଉପସଂହାରରେ ଉଚ୍ଚ ନ୍ୟାୟାଳୟ ତ୍ରୁଟି କରିଥିଲେ ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 6308/1994 ।

ଓ. ଜେ. ସି. ସଂଖ୍ୟା 1007/1988 ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କର ତା 4.3.92 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଆର୍. ମୋହନ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

ଏହି ଆବେଦନ ଓ. ଜେ. ସି. ସଂଖ୍ୟା 1007/88 ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କର 1992 ମସିହା ମାର୍ଚ୍ଚ 4 ତାରିଖର ରାୟରୁ ଉତ୍ପନ୍ନ ହୋଇଛି । ଉତ୍ତରଦାତା ଏବଂ ଅନ୍ୟମାନେ ଗ୍ରାମୀଣ ବ୍ୟାଙ୍କର ପରିଚାଳକ ଭାବରେ ସିଧାସଳଖ ନିଯୁକ୍ତି ଦ୍ୱାରା ଚୟନ ହୋଇଥିଲେ । ଯୋଗ୍ୟତା ତାଲିକାରେ ତାଙ୍କର ସ୍ଥାନ 9 କ୍ରମାଙ୍କରେ ଥିଲା । ତାଙ୍କ କର୍ତ୍ତବ୍ୟରେ ଯୋଗଦାନ ତାରିଖ ଆଧାରରେ ତାଙ୍କୁ ବରିଷ୍ଠତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରଥମ ଉତ୍ତରଦାତା ମୃତ ବୋଲି ସୂଚନା ଦିଆଯାଇଛି । ଏହି ମାମଲାରେ ଏକମାତ୍ର ପ୍ରଶ୍ନ ହେଉଛି ଯେ ପ୍ରତ୍ୟକ୍ଷ ଚୟନ ବ୍ୟକ୍ତିଙ୍କ ମଧ୍ୟରେ ପାହ୍ୟା କ'ଣ ହେବ? ଏହା ସେହି ତାରିଖ କି ଯେଉଁଦିନ ସେମାନେ କର୍ତ୍ତବ୍ୟରେ ଯୋଗ ଦେଇଥିଲେ କିମ୍ବା ଚୟନ ମଣ୍ଡଳୀ ଦ୍ୱାରା ଦିଆଯାଇଥିବା ପାହ୍ୟା ଅନୁଯାୟୀ? ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ପ୍ରାର୍ଥୀଙ୍କ ଯଥାକ୍ରମ ଯୋଗ୍ୟତାର ତୁଳନାତ୍ମକ ମୂଲ୍ୟାଙ୍କନ ଉପରେ, ଚୟନ ସମୟରେ ପ୍ରାପ୍ତ ମାନ୍ୟତା ଆଧାରରେ ମଣ୍ଡଳୀ ଯୋଗ୍ୟତା ତାଲିକା ପ୍ରସ୍ତୁତ କରିଛି । ଏହା ସ୍ଥିରୀକୃତ ଆଇନ ଯେ ଯଦି ଏକାଧିକ ଚୟନ କରାଯାଏ, ତେବେ ବରିଷ୍ଠତା ସିଧାସଳଖ ମୁକରିର ର ପାହ୍ୟା ଅନୁଯାୟୀ ସଂରକ୍ଷଣ ନିୟମ ଏବଂ ପାଳି ତାଲିକା ପ୍ରୟୋଗ କରିବା ଉପରେ ମନୋନୀତ ପ୍ରାର୍ଥୀଙ୍କ ସମାଯୋଜନ ଉପରେ ନିର୍ଭର କରେ । କେବଳ ପୂର୍ବରୁ କର୍ତ୍ତବ୍ୟରେ ଯୋଗଦାନର ଆକସ୍ମିକ ସୁଯୋଗ ଦ୍ୱାରା ଚୟନ ମଣ୍ଡଳୀଏବଂ ପାଳି ତାଲିକା ଅନୁଯାୟୀ ବ୍ୟବସ୍ଥା କରାଯାଇଥିବା ମାନ୍ୟତାରେ ପରିବର୍ତ୍ତନ ହେବ ନାହିଁ । ତେଣୁ, ସିଧାସଳଖ ନିଯୁକ୍ତି ଏବଂ ଏହାର ଆଧାରରେ ସେବାର ଅବଧି ଦ୍ୱାରା ନିଯୁକ୍ତି ପାଇଁ ମନୋନୀତ ପ୍ରାର୍ଥୀଙ୍କ ଦ୍ୱାରା ଦିଆଯାଇଥିବା ଯୋଗଦାନ ରିପୋର୍ଟ ଆଧାରରେ ବରିଷ୍ଠତା ସ୍ଥିର କରାଯିବ ବୋଲି ଏହାଙ୍କ ଉପସଂହାରରେ ଉଚ୍ଚ ନ୍ୟାୟାଳୟ ସମ୍ପୂର୍ଣ୍ଣ ଭୁଲ୍ ଅଟନ୍ତି । ତେଣୁ, ଏହି ମତ ଭୁଲ ଅଟେ । ତେବେ, ଯେହେତୁ ପ୍ରଥମ ଉତ୍ତରଦାତା ମୃତ୍ୟୁବରଣ କରିଛନ୍ତି, ଆମକୁ ଆଦେଶରେ ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ ।

ତଦନୁସାରେ ଆବେଦନଟିର ଫଇସଲା କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି. ଏନ୍. ଏ. ଆବେଦନ ଫଇସଲା ହେଲା।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

*Translated by:*
ସୁବୋଧ ରାଉତ,
ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।